# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**1 May - 2024**

## ଶ୍ରମିକ ଦିବସ

ଶ୍ରମିକମାନଙ୍କୁ ସେମାନଙ୍କର ନ୍ୟାୟ, ଦାବି, ଅଧିକାର ଏବଂ ସୁବିଧା ସୁଯୋଗ ଯୋଗାଇଦେବା ଲାଗି  ଆଜି ସମଗ୍ର ବିଶ୍ୱରେ ଶ୍ରମିକ ଦିବସ ପାଳନ କରାଯାଉଛି । ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ଅଧିକାରର ସୁରକ୍ଷା ଓ ସମାଜ ପ୍ରତି ସେମାନଙ୍କ ଅବଦାନକୁ ମନେ ପକାଇବା ଉଦ୍ଦେଶ୍ୟରେ ଏହି ଦିବସ ଆନ୍ତର୍ଜାତିକ ଶ୍ରମିକ ସଂସ୍ଥା ପକ୍ଷରୁ ପାଳନ କରାଯାଉଛି । ୧୮୮୬ ମସିହା ମଇ ମାସ ୧ ତାରିଖରେ ଆମେରିକାର ପ୍ରାୟ ୨ ଲକ୍ଷ ଶ୍ରମିକ ସେମାନଙ୍କର କାର୍ଯ୍ୟ ନିର୍ଘଣ୍ଟ ସମୟ ସ୍ଥିର କରିବା ଦାବି କରି ପ୍ରଥମେ ଆନ୍ଦୋଳନ  କରିଥିଲେ । ସେମାନଙ୍କର ଦାବିକୁ ସମ୍ମାନ ଜଣାଇ ଅନ୍ତର୍ଜାତୀୟ ସୋସାଲିଷ୍ଟ କନ୍‌ଫରେନ୍ସ ୧୮୮୯ ମସିହା ମଇ ମାସ ୧ ତାରିଖକୁ ଶ୍ରମିକ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲା ।  ଭାରତରେ ଶ୍ରମିକ ଦିବସ ୧୯୨୩ ମସିହାରୁ ପାଳନ କରାଯାଉଛି । ମଇ ଦିବସ ଅବସରରେ ଶ୍ରମିକମାନଙ୍କ ସହିତ ଯୋଡ଼ି ହୋଇଥିବା ସଂସ୍ଥା, କଳକାରଖାନା ଗୁଡ଼ିକର ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ  ଆଜି ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ମଇ ଦିବସ ଅବସରରେ ରାଜ୍ୟପାଳ ରଘୁବର ଦାସ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନିଷ୍ଠାପର ଭାବେ କାମ କରି

ନିଜପାଇଁ ତଥା ରାଜ୍ୟପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ଆହ୍ୱାନ ଦେଇଛନ୍ତି ।

## ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଚଳିତମାସ ୧୩ ତାରିଖରେ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମୋଟ୍ ୨୪୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ମୋଟ୍ ୨୫୬ ଟି ବୈଧ ପ୍ରାର୍ଥିପତ୍ର ମଧ୍ୟରୁ ଯାଞ୍ଚ ଏବଂ ପ୍ରତ୍ୟାହାର ପରେ ୨୪୩ଜଣ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସବୁଠାରୁ ଅଧିକ ବ୍ରହ୍ମପୁର ବିଧାନସଭା ଆସନରୁ ୧୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏହି ପର୍ଯ୍ୟାୟରେ କଳାହାଣ୍ଡି, ବ୍ରହ୍ମପୁର, ନବରଙ୍ଗପୁର ଓ କୋରାପୁଟ ଲୋକସଭା ଆସନ ଲାଗି ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ବୋଲି ରାଜ୍ୟ ନିର୍ବାଚନ ଆୟୋଗ କହିଛନ୍ତି ।

## ଭିତରକନିକା

କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହୋଇଥିବାରୁ ଆଜିଠାରୁ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତା ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । କୁମ୍ଭୀରମାନଙ୍କର ଅଣ୍ଡାଦାନ ପ୍ରକ୍ରିୟାରେ ବାଧା ନ ଉପୁଜିବା ପାଇଁ ରାଜନଗର ବନଖଣ୍ଡ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ସୂଚନାଯୋଗ୍ୟ ୨୦୨୩ ଅଗଷ୍ଟ ପହିଲାରୁ ଗତକାଲି ପର୍ଯ୍ୟନ୍ତ ଭିତରକନିକାକୁ ଦେଶ ବିଦେଶରୁ ୬୪ ହଜାର ୭୫୧ ଜଣ ପର୍ଯ୍ୟଟକ ଆସିଥିବା ଜଣାପଡ଼ିଛି ।

# ବିଏଡ୍ ପାଠ୍ୟକ୍ରମ-ପ୍ରବେଶିକା ପରୀକ୍ଷା

ଚଳିତ ଶିକ୍ଷାବର୍ଷରେ ବି.ଏଡ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ-ଏନ୍.ସି.ଇ.ଆର୍.ଟି.ପକ୍ଷରୁ ଏଥିନିମନ୍ତେ ଏକକ ପ୍ରବେଶିକା ପରୀକ୍ଷା କରାଯିବ । ଏଥିନିମନ୍ତେ ଆବେଦନ ଲାଗି ପ୍ରାର୍ଥୀମାନେ ଚଳିତ ମାସର ୩୧ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ଜୁନ୍ ମାସ ୧୬ ତାରିଖରେ ବି.ଏଡ୍. ପାଠ୍ୟକ୍ରମ ଲାଗି ଏକକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ।

## ପାଣିପାଗ

ଚଳିତ ଗ୍ରୀଷ୍ମଋତୁରେ ଗତକାଲି ଓଡ଼ିଶା ସବୁଠାରୁ ଉତ୍ତପ୍ତ ରାଜ୍ୟ ଥିଲା । ପାଣିପାଗ ବିଭାଗର ସୂଚନା ଅନୁସାରେ ଗତକାଲି ୪୬ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ୍ ସହିତ ବାରିପଦା ବିଶ୍ୱର ସର୍ବାଧିକ  ଉତ୍ତପ୍ତ ସହର ଭାବେ ଦୁଇନମ୍ବର ସ୍ଥାନରେ ଥିଲା । ସେହିଭଳି ବାଲେଶ୍ୱର ୪୬ ଡିଗ୍ରୀ ସହିତ ୩ ନମ୍ବର ଏବଂ ଭୁବନେଶ୍ୱର ୪୫ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ସହ ଦଶମ ସ୍ଥାନରେ ରହିଥିଲା ।  ଗତକାଲି ରାଜ୍ୟର ୧୫ଟି ସହରର ତାପମାତ୍ରା ୪୪ ଡିଗ୍ରୀରୁ ଅଧିକ ଏବଂ ୨୪ଟି ସହରର ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଥିଲା । ବର୍ତ୍ତମାନ ସୁଦ୍ଧା ସରକାରୀ ଭାବେ ୨ଜଣ ଅଂଶୁଘାତରେ ପ୍ରାଣ ହରାଇଥିବା ବେଳେ ଗତକାଲି ଗଞ୍ଜାମ ଜିଲ୍ଲାର ଧରାକୋଟ ବ୍ଲକର

ଜଣେ ବୟସ୍କ ବ୍ୟକ୍ତିଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଆସନ୍ତା ଚାରି ପାଞ୍ଚ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ହେଲେ ୭ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ଦେଖା ଦେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ

ଚଳିତ ବର୍ଷ ଗ୍ରୀଷ୍ମକାଳୀନ ବାତ୍ୟା ସମ୍ଭାବନା ଏବଂ ଏହାର ମୁକାବିଲା ନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଗତକାଲି ପ୍ରାକ୍ ମୌସୁମୀ ବାତ୍ୟା ପ୍ରସ୍ତୁତି  ବୈଠକ ଗତକାଲି  ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଲୋକମାନଙ୍କୁ ପ୍ରଶାସନିକ ସ୍ତରରେ ସତର୍କ ସୂଚନା  ଦେବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।  ବିଭିନ୍ନ ବିଭାଗରେ ପ୍ରାକ୍ ବାତ୍ୟା ସମୀକ୍ଷା ବୈଠକ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଦ୍ୱାରା ଆହୂତ ଏହି ବୈଠକରେ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ୧୮ ଟି ବିଭାଗ ଓ ସଂସ୍ଥାର ପ୍ରମୁଖ ଶାସନ ସଚିବ, ସଚିବ ଓ ଉଚ୍ଚ କର୍ତ୍ତୃପକ୍ଷମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଭୋଟର ସଚେତନତା

ଭୁବନେଶ୍ୱର ମହାନଗନର ନିଗମ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଭୋଟରମାନଙ୍କୁ ସଚେତନ କରାଇବା ପାଇଁ ଏକ ମିନି ମାରାଥନ ଗତକାଲି ଅନୁଷ୍ଠିତ ହୋଇଥିଲା। ଇମ୍ପୋସିଟି ଛକରୁ ଆରମ୍ଭ ହୋଇଥିବା ଏହି ମାରାଥନରେ ୫ଶହରୁ ଊର୍ଦ୍ଧ୍ୱ ଯୁବ ଭୋଟର ସାମିଲ ହୋଇଥିଲେ ।

ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁବ ଭୋଟରମାନଙ୍କୁ ମତଦାନ କେନ୍ଦ୍ରକୁ ଆଣିବା ପାଇଁ ନିମନ୍ତ୍ରଣପତ୍ର ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଚଳିତ ନିର୍ବାଚନରେ ରାୟଗଡ଼ା ଜିଲ୍ଲାର ପ୍ରାୟ ୨୦ ହଜାର ନୂଆ ଯୁବ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।